# ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
ପଞ୍ଜୀକୃତ କାର୍ଯ୍ୟାଳୟ : ଜନପଥ, ଭୁବନେଶ୍ୱର - ୭୫୧ ୦୨୨, ଓଡ଼ିଶା
CIN : U40102OR2004SGC007553
OPTCL
Lifeline of Odisha

## ଶୁଳ୍କ ବିଜ୍ଞପ୍ତି

## ତା. ୦୪.୦୪.୨୦୨୧ ରିଖରୁ ଲାଗୁହେବା ନିମନ୍ତେ ସରବରାହ ଶୁଳ୍କ ଏବଂ ମୁକ୍ତ ପ୍ରବେଶ ଦେୟ

ବିଦ୍ୟୁତ୍ ଆଇନ୍, ୨୦୦୩ ଅନ୍ତର୍ଗତ ୬୪ (୩) ଧାରା ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ବ୍ୟବସ୍ଥାନୁଯାୟୀ ପ୍ରାପ୍ତ କ୍ଷମତା ବଳରେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ତା.୨୬.୦୩.୨୦୨୧ ରିଖରେ ମାମଲା ସଂଖ୍ୟା ୭୩/୨୦୨୦ ରେ ତା.୦୪.୦୪.୨୦୨୧ ରିଖରୁ ଲାଗୁ ହେବା ନିମନ୍ତେ ଓପିଟିସିଏଲ୍‌ର ସମୁଦାୟ ରାଜସ୍ୱ ଆବଶ୍ୟକତା ଏବଂ ସରବରାହ ଶୁଳ୍କ ନିର୍ଦ୍ଧାରଣ ସମ୍ବନ୍ଧରେ ଆଦେଶନାମା ପ୍ରଦାନ କରିଛନ୍ତି ।

ଓଇଆରସି (ବ୍ୟବସାୟ ପରିଚାଳନା) ବିନିୟମ, ୨୦୦୪ ଅନ୍ତର୍ଗତ ବିନିୟମ ୫୭ ଅନୁଯାୟୀ ଓପିଟିସିଏଲ୍ ଏତଦ୍ୱାରା ସରବରାହ ଶୁଳ୍କ ତାଲିକା ଏବଂ ମୁକ୍ତ ପ୍ରବେଶ ଦେୟର ତାଲିକା ପ୍ରକାଶନ କରୁଅଛି ।

### ତା. ୦୪.୦୪.୨୦୨୧ ରିଖରୁ ଲାଗୁ ହେବା ନିମନ୍ତେ ସରବରାହ ଶୁଳ୍କର ତାଲିକା

**୧.** ନିମ୍ନଲିଖିତ ପାରା (କ) ଠାରୁ (ଗ) ପର୍ଯ୍ୟନ୍ତ ଉପଯୁକ୍ତ ଦେୟର ମିଶ୍ରଣରେ ସମ୍ପୂର୍ଣ୍ଣ ଦେୟ ହିସାବ ହେବ ।

(କ) **ସରବରାହ ଦେୟ :**

ଓପିଟିସିଏଲ୍‌ର ୪୦୦ କେଭି / ୨୨୦ କେଭି / ୧୩୨ କେଭି ଅତ୍ୟୁଚ୍ଚ ବିଦ୍ୟୁତ୍ ସରବରାହ ଲାଇନ୍ ଏବଂ ସବଷ୍ଟେସନ୍ ମାଧ୍ୟମରେ ଶକ୍ତି ସରବରାହ ନିମନ୍ତେ ବିତରଣକାରୀ ସଂସ୍ଥା ମାନଙ୍କୁ ସରବରାହ ମୂଲ୍ୟ ୟୁନିଟ୍ ପିଛା ୨୮ ପଇସା ଦେବାକୁ ହେବ । ସିଜିପିର ଉତ୍ପାଦିତ ଶକ୍ତିକୁ ଏହାର ରାଜ୍ୟ ମଧ୍ୟରେ ଅନ୍ୟତ୍ର ଅବସ୍ଥାପିତ କାରଖାନା ପର୍ଯ୍ୟନ୍ତ ସରବରାହ ପାଇଁ ମଧ୍ୟ ଏହି ଦେୟ ଲାଗୁ ହେବ । ପ୍ରଯୁଜ୍ୟ ମୁକ୍ତ ପ୍ରବେଶ ବିନିୟମ ଅନୁଯାୟୀ ମୁକ୍ତ ପ୍ରବେଶ ଖାଉଟିମାନଙ୍କୁ ୬,୭୨୦ ଟଙ୍କା / ମେଗାୱାଟ୍-ଦିନ (୨୮୦ ଟଙ୍କା / ମେଗାୱାଟ୍ ଘଣ୍ଟା) ହିସାବରେ ସରବରାହ ଦେୟ ଦେବାକୁ ହେବ ।

(ଖ) **ରିହାତି :** ବିଲ୍ ଦେୟ, ବିଲ୍ ପାଇବାର ୨ କାର୍ଯ୍ୟ ଦିବସ (ଏନ୍.ଆଇ.ଅଧିନିୟମ ଅନୁଯାୟୀ ଛୁଟି ଦିବସ ବ୍ୟତୀତ) ମଧ୍ୟରେ ଲେଟର୍ ଅଫ୍ କ୍ରେଡିଟ୍ କିମ୍ବା ଏନ୍.ଇ.ଏଫ୍.ଟି / ଆର.ଟି.ଜି.ଏସ୍ / ନଗଦ ଆକାରରେ ପଇଠ କଲେ ୨% ରିହାତି ମିଳିବ । ବିତରଣ ଲାଇସେନ୍ସଧାରୀମାନେ ବିଲ୍ ଦେୟ ଲେଟର୍ ଅଫ୍ କ୍ରେଡିଟ୍ ଆକାରରେ ନ ଦେଇ ଅନ୍ୟ ମାଧ୍ୟମରେ ବିଲ୍ ପାଇବାର ଏକ ମାସ ମଧ୍ୟରେ ପଇଠ କଲେ ୧% ରିହାତି ପାଇବେ ।

(ଗ) **ବିଳମ୍ବ-ଦେୟ ଅଧିଶୁଳ୍କ:** ଲାଇସେନ୍ସଧାରୀମାନେ ବିଲ୍ ପାଇବା ତାରିଖଠାରୁ ୩୦ ଦିନ ମଧ୍ୟରେ ବିଲ୍ ଦେୟ ପଇଠ ନ କଲେ ଓପିଟିସିଏଲ୍ ପ୍ରତି ମାସ ବକେୟା ବିଲ୍‌ର ୧.୨୫% ହିସାବରେ ବିଳମ୍ବ-ଦେୟ ଅଧିଶୁଳ୍କ ଆଦାୟ କରିବ ।

**୨. ସରବରାହ କ୍ଷତି:** ସରବରାହ ଲାଇସେନ୍ସଧାରୀ ମିଳୁଥିବା ଶକ୍ତିରୁ ୩.୦୦% ସରବରାହ କ୍ଷତି ବାବଦରେ ବାଦ୍‌ଦେଇ ବାକି ପରିମାଣ ଶକ୍ତି ୪୦୦ କେଭି / ୨୨୦ କେଭି / ୧୩୨ କେଭି ମାଧ୍ୟମରେ ମୁକ୍ତ ପ୍ରବେଶ ଖାଉଟି ମାନଙ୍କୁ ଦେବା ପାଇଁ ଦାୟୀ ରହିବେ ।

**୩.** ଓପିଟିସିଏଲ୍ ନିମନ୍ତେ ସରବରାହ ଶୁଳ୍କ, ମୁକ୍ତ ପ୍ରବେଶ ଦେୟ ଏବଂ ସରବରାହ କ୍ଷତି ତା. ୦୪.୦୪.୨୦୨୧ ରିଖରୁ ଲାଗୁ ହେବ ଏବଂ ଆୟୋଗଙ୍କ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ ।

**୪.** ଆୟୋଗଙ୍କ ବିସ୍ତୃତ ଆଦେଶନାମା ତାଙ୍କର ୱେବ୍‌ସାଇଟ୍ **www.orierc.org** ଏବଂ ଓପିଟିସିଏଲ୍‌ର ୱେବ୍‌ସାଇଟ୍ **www.optcl.co.in** ରେ ଉପଲବ୍ଧ ।

ଭୁବନେଶ୍ୱର
ତା : ୨୭.୦୩.୨୦୨୧

ସ୍ୱା/-
ପରିଚାଳନା ନିର୍ଦ୍ଦେଶକ

HIPR-41/2020-21